**ଭାରତ ସଂଘ ଏବଂ ଅନ୍ୟମାନେ**

**ବନାମ**

**ଏ. ନାଗାମଲ୍ଲେଶ୍ୱର ରାଓ**

**ନଭେମ୍ବର 18,1997**

**[ଏସ୍. ସି. ଅଗ୍ରୱାଲ ଏବଂ ଜି. ଟି. ନାନାବତୀ, ନ୍ୟାୟମୂର୍ତ୍ତିଦ୍ୱୟ]**

*ସେବା ଆଇନ:*

*କେନ୍ଦ୍ରୀୟ ସିଭିଲ୍ ସେବା (ଆଚରଣ) ନିୟମ, 1964 – ନିୟମ 3 (1) (i) (iii) – ବରଖାସ୍ତ – ଟେଲିଫୋନ୍ ପରିଚାଳକ ଏସ୍ ଏସ୍ ସି ପରୀକ୍ଷାରେ ନିଜର ପ୍ରାପ୍ତ ଅଙ୍କକୁ ଭୁଲ ଭାବେ ଉପସ୍ଥାପନ କରି ନିଯୁକ୍ତି ପାଇଥିଲେ – ଯାଞ୍ଚ ପାଇଁ ଅସଲି ପ୍ରମାଣପତ୍ର ଉପସ୍ଥାପନ କରାଯାଇନଥିଲା – ବିଭାଗୀୟ ତଦନ୍ତ – ବରଖାସ୍ତ – ନ୍ୟାୟାଧିକରଣ ଦର୍ଶାଇଥିଲେ ଯେ ଏହି ସିଦ୍ଧାନ୍ତ କୌଣସି ପ୍ରମାଣ ଉପରେ ଆଧାରିତ ନଥିଲା – ବରଖାସ୍ତ ଆଦେଶ ରଦ୍ଦ – ଅପିଲ ଉପରେ । ଦର୍ଶାଯାଇଛି, ସମାପ୍ତି ଆଦେଶ ବୈଧ ଏବଂ ଉପଯୁକ୍ତ – ତଦନ୍ତ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥାପିତ ପ୍ରମାଣଗୁଡ଼ିକୁ ଏକ ଅପିଲ ନ୍ୟାୟାଳୟ ପରି ଯାଞ୍ଚ କରି ନ୍ୟାୟାଧିକରଣ ଏହାର କ୍ଷେତ୍ରାଧିକାରର ସୀମା ଅତିକ୍ରମ କରିଛି – ସରକାରୀ ନଥି ଭାବରେ ବଜାୟ ରଖାଯାଇଥିବା Z ପଞ୍ଜୀକରଣ ପୁସ୍ତିକା ହେଉଛି ଏକ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରମାଣିତ ଏକ ସାର୍ବଜନୀନ ଦସ୍ତାବିଜ – ନ୍ୟାୟାଧିକରଣ ଏହାକୁ ଗ୍ରହଣ କରିବା ଉଚିତ ।*

ଏସ୍ ଏସ୍ ସି ପରୀକ୍ଷାରେ ନିଜର ଅଙ୍କକୁ ଭୁଲ୍ ଭାବେ ଉପସ୍ଥାପନ କରି ଉତ୍ତରଦାତା ଟେଲିଫୋନ୍ ପରିଚାଳକ ଭାବେ ନିଯୁକ୍ତି ପାଇଥିଲେ । ବିଭାଗ ଦ୍ୱାରା ବାରମ୍ବାର ଦାବି ସତ୍ତ୍ୱେ ଯାଞ୍ଚ ପାଇଁ ଏସ୍ ଏସ୍ ସି ପ୍ରମାଣପତ୍ର ଉପସ୍ଥାପନ କରାଯାଇ ନଥିଲା । ଅନୁସନ୍ଧାନ ଦ୍ୱାରା ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଠାରୁ ଜଣାପଡ଼ିଲା ଯେ, ଉତ୍ତରଦାତା କେବଳ 48.6% ଅଙ୍କ ପାଇଥିବା ବେଳେ Z ପୁସ୍ତିକାରେ କରାଯାଇଥିବା ପ୍ରବେଶରେ ସେ 79.80% ଅଙ୍କ ହାସଲ କରିଛନ୍ତି ବୋଲି ପ୍ରକାଶ କରାଯାଇଥିଲା । ଯେହେତୁ ଉତ୍ତରଦାତା ଅନ୍ୟାୟ ପୂର୍ବକ ଭାବରେ ଏବଂ ସିସିଏସ୍ (ଆଚରଣ) ନିୟମାବଳୀ, 1964ର ନିୟମ 3 (1) (i) (iii) ଉଲ୍ଲଂଘନ କରି ଚାକିରି ପାଇଥିଲେ, ତାଙ୍କ ବିରୁଦ୍ଧରେ ଏକ ବିଭାଗୀୟ ତଦନ୍ତ କରାଯାଇଥିଲା । ଏହି ଅଭିଯୋଗ ପ୍ରମାଣିତ ହୋଇଅଛି ଏବଂ ତାଙ୍କ ବିରୋଧରେ ବରଖାସ୍ତ ଆଦେଶ ପାରିତ କରାଯାଇଛି । ନିର୍ଦ୍ଦେଶକ (ଟେଲିକମ୍)ଙ୍କ ନିକଟରେ ଅପିଲ ଏବଂ ମଣ୍ଡଳୀକୁ କରାଯାଇଥିବା ପୁନଃ ନିରୀକ୍ଷଣ ଆବେଦନ ବିଫଳ ହେବା ପରେ, ଉତ୍ତରଦାତା ନ୍ୟାୟାଧିକରଣଙ୍କ ଦ୍ୱାରସ୍ଥ ହୋଇଥିଲେ, ଯିଏ ଆବେଦନକୁ ମଞ୍ଜୁର କରିଥିଲେ ଏବଂ କହିଥିଲେ ଯେ ଅଭିଯୋଗର ପ୍ରମାଣ କୌଣସି ସାକ୍ଷ୍ୟ ଉପରେ ଆଧାରିତ ନୁହେଁ ଏବଂ ଫଳ ସ୍ୱରୂପ ଦଣ୍ଡର ଆଦେଶକୁ ନାକଚ କରାଯିବା ଉଚିତ । ତେଣୁ ବର୍ତ୍ତମାନର ଅପିଲ ।

ଅପିଲକୁ ଅନୁମତି ଦେଇ, ଏହି ନ୍ୟାୟାଳୟ ଦର୍ଶାଇଛନ୍ତି

1.1. ସମାପ୍ତି ଆଦେଶକୁ ଅନୁଚିତ କିମ୍ବା ମନ୍ଦ ବୋଲି କୁହାଯାଇପାରିବ ନାହିଁ ଏବଂ ନ୍ୟାୟାଧିକରଣ ଅନ୍ୟଥା ନିଷ୍ପତ୍ତି ନେବାରେ ଭୁଲ କରିଥିଲେ ।

**1.2.ଉତ୍ତରଦାତା କେବଳ 48.6% ମାର୍କ ହାସଲ କରିଥିଲେ ଏବଂ ନିଯୁକ୍ତ ହୋଇଥିବା ଶେଷ ପ୍ରାର୍ଥୀ 70.6% ମାର୍କ ହାସଲ କରିଥିଲେ । ତେଣୁ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ଭୁଲ କିମ୍ବା ଉତ୍ତରଦାତାଙ୍କ ଦ୍ୱାରା କରାଯାଇଥିବା ଜାଲିଆତି ବ୍ୟତୀତ ଉତ୍ତରଦାତା ନିଯୁକ୍ତି ପାଇବାକୁ ଯୋଗ୍ୟ ନଥିଲେ ଏବଂ ତାଙ୍କୁ ନିଯୁକ୍ତି ଦିଆଯାଇପାରିନଥାନ୍ତା ।**

**1.3.ନ୍ୟାୟାଧିକରଣ ଏହା ତର୍ଜମା କରିବାରେ ବିଫଳ ହୋଇଥିଲେ ଯେ, ଅଙ୍କର ମୂଳ ପ୍ରମାଣପତ୍ର କିମ୍ବା ଏକ ପ୍ରତିରୂପ ନକଲ ଉପସ୍ଥାପନ କରିବାକୁ ବାରମ୍ବାର ଡକାଯିବା ସତ୍ତ୍ୱେ, ଉତ୍ତରଦାତା ଯାଞ୍ଚ ପାଇଁ ଏହାକୁ ଉପସ୍ଥାପନ କରିବାରେ ବିଫଳ ହୋଇଥିଲେ । ନ୍ୟାୟାଧିକରଣ ମଧ୍ୟ ତର୍ଜମା କରିବାରେ ବିଫଳ ହୋଇଥିଲେ ଯେ, ଅନ୍ୟଥା ଉତ୍ତରଦାତା ନିଜେ କିମ୍ବା ଅନ୍ୟମାନଙ୍କ ସହିତ ତାଙ୍କ ଦ୍ୱାରା କରାଯାଇଥିବା ଜାଲିଆତି ପାଇଁ, ପଞ୍ଜୀକରଣ ପୁସ୍ତିକାରେ ଅଙ୍କର ଏକ ମିଥ୍ୟା ପ୍ରବେଶ କରାଯାଇ ପାରିନଥାନ୍ତା ଏବଂ ମୂଳ ଆବେଦନ ଫର୍ମ ଏବଂ ପ୍ରମାଣପତ୍ର କାର୍ଯ୍ୟାଳୟର ନଥିରୁ ଗାଏବ ହୋଇନଥାନ୍ତା ।**

**2. ନ୍ୟାୟାଧିକରଣର ଆଭିମୁଖ୍ୟ ଭ୍ରମାତ୍ମକ ଥିଲା କାରଣ, ଏକ ଫୌଜଦାରୀ ମାମଲାରେ ଏକ ଅପିଲର ଶୁଣାଣି କଲା ଭଳି ଏହା ତଦନ୍ତ ପ୍ରକ୍ରିୟାକୁ ଯାଞ୍ଚ କରିବାକୁ ଅଗ୍ରସର ହୋଇଥିଲା । ଏହା, ଏହାର କ୍ଷେତ୍ରାଧିକାରକୁ ଅତିକ୍ରମ କରି କହିଛି ଯେ, Z ପଞ୍ଜୀକରଣ ପୁସ୍ତିକାରୁ ଯେଉଁ ଉଦ୍ଧୃତାଂଶ ପ୍ରସ୍ତୁତ କରାଯାଇଥିଲା ତାହା ବୈଧ ସାକ୍ଷ୍ୟ ନୁହେଁ ଏବଂ ତଦନ୍ତ ଅଧିକାରୀ ଏହା ଉପରେ ନିର୍ଭର କରିପାରିବେ ନାହିଁ । ନ୍ୟାୟାଧିକରଣ ଏହା ବୁଝିବାରେ ବିଫଳ ହୋଇଥିଲେ ଯେ, ପଞ୍ଜୀକରଣ ପୁସ୍ତକଟି ପ୍ରଭାଗୀୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏକ ସରକାରୀ ନଥି ଭାବରେ ରଖାଯାଇଥିଲା ଏବଂ ଏହିପରି ଏହା ଏକ ସାର୍ବଜନୀନ ଦସ୍ତାବିଜ ଥିଲା । ଜଣେ ଦକ୍ଷ ଅଧିକାରୀଙ୍କ ଦ୍ୱାରା ଏହା ଯଥାବିଧି ଅଧିପ୍ରମାଣିତ ହୋଇଥିଲା । ପ୍ରକ୍ରିୟା ଏବଂ ପ୍ରମାଣର କଠୋର ନିୟମାବଳୀ ବିଭାଗୀୟ ତଦନ୍ତ ପାଇଁ ପ୍ରଯୁଜ୍ୟ ନୁହେଁ ବୋଲି କହି ନ୍ୟାୟାଧିକରଣ ଏହି ମାମଲାରେ ଏହାକୁ ପ୍ରୟୋଗ କରିବାରେ ତ୍ରୁଟି କରିଥିଲେ ।**

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାର :ଦେୱାନୀ ଅପିଲ ସଂଖ୍ୟା 7766/1997

ଓ.ଏ. ସଂଖ୍ୟା 1139/1992 ରେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ,ହାଇଦ୍ରାବାଦର ତା.18.9.96ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ କେ. ଏନ୍. ଭଟ୍ଟ, ରାଜୀବ ନନ୍ଦା, ଏ. କେ. ଶର୍ମା ଏବଂ ସି. ଭି. ସୁବ୍ବା ରାଓ ଆବେଦନ କରିଥିଲେ ।

ଉତ୍ତରଦାତାଙ୍କ ପାଇଁ ଏଲ୍. ନାଗେଶ୍ୱର ପ୍ରସାଦ, ଜି. ଆର୍. କେ. ପ୍ରସାଦ, ଏସ୍. ଉଦୟ କୁମାର ସାଗର ଏବଂ ଭି. ଏସ୍. ରେଡ୍ଡୀ

ନ୍ୟାୟାଳୟଙ୍କ ରାୟ ପ୍ରଦାନକର୍ତ୍ତା

**ନାନାବତୀ, ନ୍ୟାୟମୂର୍ତ୍ତି** ଅନୁମତି ମଞ୍ଜୁର କରାଗଲା ।

ଓ.ଏ. ସଂଖ୍ୟା 1139/1992 ରେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, ହାଇଦ୍ରାବାଦ ବିଚାରପୀଠ ଦ୍ୱାରା ପାରିତ ଆଦେଶକୁ ଭାରତ ସଂଘ ଏହି ଅପିଲରେ ଆପତ୍ତି କରିଅଛି ।

ଅସ୍ଥାୟୀ ଭିତ୍ତିରେ ଟେଲିକମ୍, ଏଲୁରୁ ପ୍ରଭାଗୀୟ ଯନ୍ତ୍ରୀଙ୍କ ଦ୍ୱାରା 24 ଜୁନ୍, 1981 ରେ ଜଣେ ଟେଲିଫୋନ୍ ପରିଚାଳକ ଭାବରେ ଉତ୍ତରଦାତା ନିଯୁକ୍ତ ହୋଇଥିଲେ । 1983 ମସିହା ମେ 20 ତାରିଖର ଏକ ଆଦେଶ ଅନୁସାରେ ସେ ନିୟମିତ ଭାବେ ନିଯୁକ୍ତ ହୋଇଥିଲେ । 1984 ମସିହା ମେ 8 ତାରିଖରେ, ଉତ୍ତରଦାତାଙ୍କୁ ଯାଞ୍ଚ ପାଇଁ ତାଙ୍କର ମୂଳ ଏସ୍ ଏସ୍ ସି ଅଙ୍କ ପ୍ରମାଣପତ୍ର ଉପସ୍ଥାପନ କରିବାକୁ କୁହାଯାଇଥିଲା । ସେ ଉତ୍ତର ଦେଇ କହିଥିଲେ ଯେ, ନିଯୁକ୍ତି ପାଇଁ ତାଙ୍କ ଆବେଦନ ସହିତ ସେ ଏହାକୁ ଦାଖଲ କରିଛନ୍ତି ଏବଂ ତାହା ତାଙ୍କୁ ଫେରାଇ ଦିଆଯାଇ ନାହିଁ । ବାରମ୍ବାର ଦାବି ସତ୍ତ୍ୱେ ସେ ମୂଳ ପ୍ରମାଣପତ୍ର କିମ୍ବା ନକଲ ପ୍ରମାଣପତ୍ର ଦାଖଲ କରିନଥିଲେ । ତେଣୁ ପ୍ରଭାଗୀୟ ଯନ୍ତ୍ରୀ ସନ୍ଦେହଯୁକ୍ତ ହୋଇଥିଲେ ଏବଂ ଉତ୍ତରଦାତା ତାଙ୍କ ଏସ୍ ଏସ୍ ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କଠାରୁ ଅନୁସନ୍ଧାନ କରିଥିଲେ । ତାଙ୍କୁ ସୂଚନା ଦିଆଯାଇଥିଲା ଯେ, ଉତ୍ତରଦାତା କେବଳ 48.6% ଅଙ୍କ ହାସଲ କରିଛନ୍ତି । Z ପଞ୍ଜୀକରଣ ପୁସ୍ତିକାରେ କରାଯାଇଥିବା ପ୍ରବେଶ ଦ୍ୱାରା ଉତ୍ତରଦାତା ପୂର୍ବରୁ ଉପସ୍ଥାପନ କରିଥିଲେ ଯେ, ସେ 79.80% ମାର୍କ ହାସଲ କରିଛନ୍ତି । ଯେହେତୁ ଉତ୍ତରଦାତା ଅନ୍ୟାୟ ପୂର୍ବକ ଭାବରେ ଏବଂ ସିସିଏସ୍ (ଆଚରଣ) ନିୟମାବଳୀ, 1964 ର ନିୟମ 3 (1) (i) (iii) ଉଲ୍ଲଂଘନ କରି ଚାକିରି ପାଇଥିବା ଜଣାପଡ଼ିବାରୁ, ତାଙ୍କ ବିରୁଦ୍ଧରେ ଏକ ବିଭାଗୀୟ ତଦନ୍ତ କରାଯାଇଥିଲା । ଏହି ଅଭିଯୋଗ ପ୍ରମାଣିତ ହୋଇଥିବା ଦର୍ଶାଯାଇଛି ଏବଂ 1989 ମସିହା ମାର୍ଚ୍ଚ 29 ତାରିଖରେ ତାଙ୍କ ବିରୋଧରେ ବରଖାସ୍ତ ଆଦେଶ ପାରିତ ହୋଇଛି । ଉକ୍ତ ଆଦେଶ ବିରୁଦ୍ଧରେ ଦାଖଲ ହୋଇଥିବା ଅପିଲ ଗୁଣ୍ଟୁର ଅଞ୍ଚଳର ନିର୍ଦ୍ଦେଶକ (ଟେଲିକମ୍)ଙ୍କ ଦ୍ୱାରା ଖାରଜ ହୋଇଥିଲା । ଟେଲିଯୋଗାଯୋଗ ମଣ୍ଡଳୀରେ ତାଙ୍କର ପୁନଃରୀକ୍ଷଣ ଆବେଦନ ମଧ୍ୟ ବିଫଳ ହୋଇଥିଲା । ତେଣୁ ସେ ନ୍ୟାୟାଧିକରଣ ସମ୍ମୁଖରେ ଉପରୋକ୍ତ ଓ. ଏ. ଦାଖଲ କରିଥିଲେ ।

Z ପଞ୍ଜୀକରଣ ପୁସ୍ତିକାରେ ପ୍ରବେଶ କରିବା ସମୟରେ ଅନୁସରଣ କରାଯାଇଥିବା ଅଭ୍ୟାସ ଏବଂ ପ୍ରକ୍ରିୟାକୁ ପ୍ରମାଣ କରିବା ପାଇଁ ତଦନ୍ତ ଅଧିକାରୀଙ୍କ ସମ୍ମୁଖରେ ଯାଞ୍ଚ ହୋଇଥିବା ସନ୍ୟାସୀ ରାଓଙ୍କ ସାକ୍ଷ୍ୟର ମୂଲ୍ୟାଙ୍କନ କରି ନ୍ୟାୟାଧିକରଣ କହିଥିଲେ ଯେ, ତାଙ୍କର ସାକ୍ଷ୍ୟ "ଅର୍ଥହୀନ ଏବଂ ଅଭିଯୋଗ ପ୍ରମାଣିତ କରିବା ପାଇଁ ସେଥିରୁ କୌଣସି ଅନୁମାନ କରାଯାଇପାରିବ ନାହିଁ" । ଉତ୍ତରଦାତାଙ୍କ ସମ୍ବନ୍ଧୀୟ ଜଡିତ ପ୍ରବେଶ ସମ୍ପର୍କରେ Z ପଞ୍ଜୀକରଣ ପୁସ୍ତିକାରୁ ଉତ୍ପନ୍ନ ଉଦ୍ଧୃତି ସମ୍ପର୍କରେ, ନ୍ୟାୟାଧିକରଣ କହିଥିଲେ ଯେ, ଏହା ଉପରେ ନିର୍ଭର କରାଯାଇପାରିବ ନାହିଁ କାରଣ ଏହା ସହାୟକ ସାକ୍ଷ୍ୟ ଥିଲା ଏବଂ ଉକ୍ତ ଉଦ୍ଧୃତିର ପ୍ରାମାଣିକତା ପ୍ରମାଣ କରିବା ପାଇଁ କୌଣସି ସାକ୍ଷ୍ୟର ଅନୁପସ୍ଥିତିରେ, ଏହା ଆଇନ ଦୃଷ୍ଟିରେ କୌଣସି ସାକ୍ଷ୍ୟ ନୁହେଁ । ନ୍ୟାୟାଧିକରଣ ମତ ଦେଇଥିଲେ ଯେ ଯଦିଓ ଏପରି ବିଭାଗୀୟ ତଦନ୍ତ ଏକ ଅର୍ଦ୍ଧ - ଅପରାଧମୂଳକ ତଦନ୍ତ ଯେଉଁଠାରେ ବୈଷୟିକ ନିୟମାବଳୀ କଡ଼ାକଡ଼ି ଭାବରେ ପ୍ରଯୁଜ୍ୟ ହୁଏ ନାହିଁ ଏବଂ ପ୍ରୟୋଗ ହେବାକୁ ଥିବା ପରୀକ୍ଷା ସମ୍ଭାବନାର ପ୍ରାଧାନ୍ୟତା ଉପରେ ଆଧାରିତ, ତଥାପି ଆଇନଗତ ସାକ୍ଷ୍ୟ ଦ୍ୱାରା ପ୍ରମାଣିତ କାର୍ଯ୍ୟ ଏବଂ/କିମ୍ବା ପରିସ୍ଥିତିରୁ ନିଷ୍କର୍ଷ ବାହାର କରାଯାଇପାରିବ ଏବଂ ଏହାର ଅନୁପସ୍ଥିତିରେ ନୁହେଁ । ଏହା ମଧ୍ୟ ଦର୍ଶାଯାଇଛି ଯେ "ଅନୁମାନ ଯଦିଓ ପ୍ରମାଣର ସ୍ଥାନ ନେଇପାରିବ ନାହିଁ କାରଣ 'କରାଯାଇଥାଇପାରେ' ଏବଂ 'କରାଯାଇଅଛି' ମଧ୍ୟ ରେ ଦୂରତାକୁ ଅଭିଯୋଜନ ପକ୍ଷ ତରଫରୁ ପ୍ରତ୍ୟକ୍ଷ ସାକ୍ଷ୍ୟ ଦ୍ୱାରା ପୂରଣ କରାଯାଇ ନାହିଁ । "ସନ୍ୟାସୀ ରାଓଙ୍କ ସାକ୍ଷ୍ୟ ଏବଂ Z ପଞ୍ଜୀକରଣ ପୁସ୍ତିକାରୁ ଲେଖାର ଉଦ୍ଧୃତି ଉପରେ ଆଧାର କରି ତଦନ୍ତ ଅଧିକାରୀଙ୍କ ଦ୍ୱାରା ନଥିଭୁକ୍ତ କରାଯାଇଥିବା ସିଦ୍ଧାନ୍ତକୁ ନ୍ୟାୟାଧିକରଣ ଏହି ଆଧାରରେ ଭୁଲ ବୋଲି ଦର୍ଶାଇଥିଲେ ଯେ, ଉତ୍ତରଦାତାଙ୍କ ଦ୍ୱାରା କରାଯାଇଥିବା ମୂଳ ଆବେଦନ ଏବଂ ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପ୍ରମାଣପତ୍ର ତଦନ୍ତ ଅଧିକାରୀଙ୍କ ଦ୍ୱାରା ଅନୁଧ୍ୟାନ ପାଇଁ ଉପଲବ୍ଧ ନଥିଲା କାରଣ ସେଗୁଡ଼ିକ ନଥିରୁ ଗାୟବ ହୋଇଯାଇଥିଲା ଏବଂ ଉତ୍ତରଦାତାଙ୍କ ଦ୍ୱାରା ସେମାନଙ୍କୁ ଗାୟବ କରାଯାଇଥିଲା ବୋଲି ଦର୍ଶାଇବା

ପାଇଁ କୌଣସି ତଥ୍ୟ ନଥିଲା । ସେ ତାଙ୍କ ଆବେଦନ ଫର୍ମରେ ସଠିକ୍ ସୂଚନା ଦାଖଲ କରିଛନ୍ତି ବୋଲି ଉତ୍ତରଦାତାଙ୍କ ବିବରଣ ଏବଂ 48.6% ଅଙ୍କ ଦର୍ଶାଉଥିବା ଅସଲି ପ୍ରମାଣପତ୍ର ମଧ୍ୟ ଦର୍ଶାଇଛି ଉପରେ ନ୍ୟାୟାଧିକରଣ ନିର୍ଭର କରିବାକୁ ପସନ୍ଦ କରିଥିଲେ । ସାକ୍ଷ୍ୟର ଏହି ଦୃଷ୍ଟିକୋଣକୁ ନେଇ ଏହା ମତ ଦେଇଥିଲା ଯେ ଅଭିଯୋଗ ପ୍ରମାଣିତ ହୋଇଛି ବୋଲି ଅନୁସନ୍ଧାନ କୌଣସି ସାକ୍ଷ୍ୟ ଉପରେ ଆଧାରିତ ନୁହେଁ ଏବଂ ତେଣୁ, ଫଳସ୍ୱରୂପ ଦଣ୍ଡର ଆଦେଶ ରଦ୍ଦ ହେବା ଯୋଗ୍ୟ ।

ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କ ଦ୍ୱାରା ଏହା ଯୁକ୍ତି କରାଯାଇଥିଲା, ଏବଂ ଆମ ମତରେ ଠିକ୍, ଯେ ନ୍ୟାୟାଧିକରଣଙ୍କର ଆଭିମୁଖ୍ୟ ଭ୍ରମାତ୍ମକ ଥିଲା କାରଣ ଏହା ତଦନ୍ତ ପ୍ରକ୍ରିୟାକୁ ଯାଞ୍ଚ କରିବାକୁ ଅଗ୍ରସର ହୋଇଥିଲା ଯେପରି ଏହା ଏକ ଅପରାଧିକ ମାମଲାରେ ଏକ ଅପିଲର ଶୁଣାଣି କରୁଛନ୍ତି । ସନ୍ନ୍ୟାସୀ ରାଓ, ପ୍ରଭାଗୀୟ ଯନ୍ତ୍ରୀ (ଟେଲିକମ୍)ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଜଣେ ଅଧିକାରୀ ଥିଲେ ଏବଂ Z ପଞ୍ଜୀକରଣ ପୁସ୍ତକରେ ପ୍ରବେଶ କରିବା ପାଇଁ ସେହି କାର୍ଯ୍ୟାଳୟରେ ଅନୁସରଣ କରାଯାଉଥିବା ଅଭ୍ୟାସ ଏବଂ ପ୍ରକ୍ରିୟା ସହିତ ପରିଚିତ ଥିଲେ । କେବଳ 1980 ମସିହାରେ ପ୍ରଚଳିତ ପ୍ରଥା ଏବଂ ଉତ୍ତରଦାତାଙ୍କ ପ୍ରବେଶ ସମ୍ବନ୍ଧୀୟ ବିଷୟରେ ତାଙ୍କର କୌଣସି ବ୍ୟକ୍ତିଗତ ଜ୍ଞାନ ନ ଥିବାରୁ, ତାଙ୍କ ସାକ୍ଷ୍ୟକୁ ନ୍ୟାୟାଧିକରଣଙ୍କ ଦ୍ୱାରା ବିନାସାକ୍ଷ୍ୟ ଭାବରେ ବିବେଚନା କରାଯାଇପାରିବନାହିଁ । ନ୍ୟାୟାଧିକରଣ ଆଇନଗତ ତ୍ରୁଟି କରିଥିଲେ ଏବଂ Z ପଞ୍ଜୀକରଣ ପୁସ୍ତକରୁ ଯେଉଁ ଉଦ୍ଧୃତି ପ୍ରସ୍ତୁତ କରାଯାଇଥିଲା ତାହା ଆଇନଗତ ସାକ୍ଷ୍ୟ ନୁହେଁ ଏବଂ ତଦନ୍ତ ଅଧିକାରୀ ଏହାଉପରେ ନିର୍ଭର କରିପାରିବେ ନାହିଁ ବୋଲି କହି ଏହାର କ୍ଷେତ୍ରାଧିକାରକୁ ମଧ୍ୟ ଅତିକ୍ରମ କରିଥିଲେ । ନ୍ୟାୟାଧିକରଣ ଏହା ବୁଝିବାରେ ବିଫଳ ହୋଇଥିଲେ ଯେ, ପଞ୍ଜୀକରଣ ପୁସ୍ତକଟି ପ୍ରଭାଗୀୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏକ ସରକାରୀ ନଥି ଭାବରେ ରଖାଯାଇଥିଲା ଏବଂ ଏହିପରି ଏହା ଏକ ସାର୍ବଜନୀନ ଦସ୍ତାବିଜ ଥିଲା । ଜଣେ ଦକ୍ଷ ଅଧିକାରୀଙ୍କ ଦ୍ୱାରା ଏହା ଯଥାବିଧି ଅଧିପ୍ରମାଣିତ ହୋଇଥିଲା । ପ୍ରକ୍ରିୟା ଏବଂ ପ୍ରମାଣର କଠୋର ନିୟମାବଳୀ ବିଭାଗୀୟ ତଦନ୍ତ ପାଇଁ ପ୍ରଯୁଜ୍ୟ ନୁହେଁ ବୋଲି କହି ନ୍ୟାୟାଧିକରଣ ଏହି ମାମଲାରେ ଏହାକୁ ପ୍ରୟୋଗ କରିବାରେ ତ୍ରୁଟି କରିଥିଲେ । ଏହା ପ୍ରକୃତରେ ଆଶ୍ଚର୍ଯ୍ୟଜନକ ଯେ ଏହି ପ୍ରସଙ୍ଗରେ ଆଇନର ସ୍ପଷ୍ଟ ସ୍ଥିତି ସତ୍ତ୍ୱେ ଏବଂ ଏପରି ମାମଲାରେ ନ୍ୟାୟାଧିକରଣଙ୍କର କ୍ଷେତ୍ରାଧିକାର ସମ୍ପର୍କରେ, ନ୍ୟାୟାଧିକରଣ ତଦନ୍ତ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥାପିତ ସାକ୍ଷ୍ୟକୁ ଏକ ଅପିଲ ନ୍ୟାୟାଳୟ ପରି ଯାଞ୍ଚ କରିବାକୁ ଉପଯୁକ୍ତ ମନେ କରିଥିଲେ ।

ନ୍ୟାୟାଧିକରଣଙ୍କ ଦ୍ୱାରା ପାରିତ ଆଦେଶର ଆଉ ଏକ ତ୍ରୁଟି ହେଉଛି ଏହା ବୁଝିବାରେ ବିଫଳ ହୋଇଛି ଯେ, ଯଦି ଉତ୍ତରଦାତା ତାଙ୍କ ଆବେଦନ ଫର୍ମରେ ଉଲ୍ଲେଖ କରିଥାନ୍ତେ ଯେ ସେ 48.6% ଅଙ୍କ ପାଇଛନ୍ତି କିମ୍ବା ତାଙ୍କ ଦ୍ୱାରା ପ୍ରାପ୍ତ ସଠିକ୍ ପ୍ରତିଶତ ମାର୍କ ପ୍ରକାଶ କରୁଥିବା ପ୍ରମାଣପତ୍ର ପ୍ରଦାନ କରିଥାନ୍ତେ, ତେବେ ତାଙ୍କୁ ଚୟନ କରାଯାଇ ନଥାନ୍ତା କାରଣ 70.6% ମାର୍କ ପାଇଥିବା ପ୍ରାର୍ଥୀ ଶେଷ ବ୍ୟକ୍ତି ଥିଲେ । ନ୍ୟାୟାଧିକରଣ ଏହା ମଧ୍ୟ ବୁଝିପାରିଲେ ନାହିଁ ଯେ ମୂଳ ପ୍ରମାଣପତ୍ର କିମ୍ବା ଏକ ପ୍ରତିରୂପ ନକଲ ଉପସ୍ଥାପନ କରିବାକୁ ବାରମ୍ବାର ଆହ୍ୱାନ କରାଯିବା ସତ୍ତ୍ୱେ, ଉତ୍ତରଦାତା ଗୋଟିଏ କିମ୍ବା ଅନ୍ୟ ବାହାନା ଦେଖାଇ ଯାଞ୍ଚ ପାଇଁ ତାହା ପ୍ରଦାନ କରିବାରେ ବିଫଳ ହୋଇଥିଲେ । ନ୍ୟାୟାଧିକରଣ ମଧ୍ୟ ତର୍ଜମା କରିବାରେ ବିଫଳ ହୋଇଥିଲେ ଯେ, ଅନ୍ୟଥା ଉତ୍ତରଦାତା ନିଜେ କିମ୍ବା ଅନ୍ୟମାନଙ୍କ ସହିତ ତାଙ୍କ ଦ୍ୱାରା କରାଯାଇଥିବା ଜାଲିଆତି ପାଇଁ, ପଞ୍ଜୀକରଣ ପୁସ୍ତିକାରେ ଅଙ୍କର ଏକ ମିଥ୍ୟା ପ୍ରବେଶ କରାଯାଇ ପାରିନଥାନ୍ତା ଏବଂ ମୂଳ ଆବେଦନ ଫର୍ମ ଏବଂ ପ୍ରମାଣପତ୍ର କାର୍ଯ୍ୟାଳୟର ନଥିରୁ ଗାଏବ ହୋଇନଥାନ୍ତା ।

ତେଣୁ ଉତ୍ତରଦାତା ମାତ୍ର 48.6% ଅଙ୍କ ପାଇଥିଲେ ଏବଂ ନିଯୁକ୍ତି ପାଇଥିବା ଶେଷ ପ୍ରାର୍ଥୀ 70.6% ଅଙ୍କ ପାଇଥିଲେ ଏବଂ ତଦନ୍ତ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥାପିତ ଅନ୍ୟାନ୍ୟ ପ୍ରମାଣକୁ ଦୃଷ୍ଟିରେ ରଖି ଏହା ସ୍ପଷ୍ଟ ହୋଇଯାଏ ଯେ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ଭୁଲ କିମ୍ବା ଉତ୍ତରଦାତାଙ୍କ ଦ୍ୱାରା କରାଯାଇଥିବା ଜାଲିଆତି ବ୍ୟତୀତ ପ୍ରତିପକ୍ଷ ନିଯୁକ୍ତି ପାଇବାର ଯୋଗ୍ୟ ନଥିଲେ ଏବଂ ତାଙ୍କୁ ନିଯୁକ୍ତି ଦିଆଯାଇପାରିନଥାନ୍ତା । ତେଣୁ, ସମାପ୍ତି ଆଦେଶକୁ ଅନୁଚିତ କିମ୍ବା ଭୁଲ ବୋଲି କୁହାଯାଇପାରିବ ନାହିଁ ଏବଂ ନ୍ୟାୟାଧିକରଣ ଅନ୍ୟଥା ନିଷ୍ପତ୍ତି ନେବାରେ ଭୁଲ କରିଥିଲେ ।

ତେଣୁ, ଆମେ ଏହି ଅପିଲକୁ ଅନୁମତି ଦେଉଛୁ, ନ୍ୟାୟାଧିକରଣଙ୍କ ଦ୍ୱାରା ପାରିତ ଆଦେଶକୁ ରଦ୍ଦ କରିଛୁ ଏବଂ ଉତ୍ତରଦାତାଙ୍କ ଦ୍ୱାରା ଦାଖଲ ହୋଇଥିବା ଓ.ଏ. କୁ ଖାରଜ କରିଛୁ । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଏସ୍.ଭି.କେ.ଆଇ. ଅପିଲଟିକୁ ଅନୁମତି ଦିଆଯାଇଛି ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦକ : - ଭବାନୀ ଶଙ୍କର ନାୟକ**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**